## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ

ବୁଗୁଡ଼ା,୧୯।୨(ଡି.ଏନ.ଏ.): ବୁଗୁଡ଼ା ଥାନା ଅନ୍ତର୍ଗତ ଖୋଳଖାଳି ଯାତ୍ରୀ ବିଶ୍ରାମାଗାରଠାରେ ପୋଲିସ ୭ କି.ଗ୍ରା. ଗଞ୍ଜେଇ ଜବତ କରିବା ସହ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ହେଲେ ପଶ୍ଚିମବଙ୍ଗ ରାଜ୍ୟ ମେଦିନିପୁର ଅଞ୍ଚଳର ଅମୂଲ୍ୟ ମାଝି। ଶନିବାର ଭୋର ୫ଟାରେ ଅମୂଲ୍ୟ ଗଞ୍ଜେଇ ଚାଲାଣ କରିବା ପାଇଁ ବିଶ୍ରାମାଗାରରେ ବସିଥିବା ବେଳେ ଏସ୍ଆଇ ସମୀର କୁମାର ସେଠୀଙ୍କ ନେତୃତ୍ୱରେ ପୋଲିସ ସେଠାରେ ଚଢ଼ାଉ କରିଥିଲା। ପୋଲିସ ଗାଡିକୁ ଦେଖି ଅମୂଲ୍ୟ ଚମ୍ପଟ ମାରିଥିଲେ ହେଁ ପୋଲିସ ତାକୁ କାବୁ କରିଥିଲା।

### ତହଁର-ଖଣ୍ଡରା ରାସ୍ତା ମରାମତି ଦାବି

ଶେରଗଡ଼, ୧୯।୨(ଡି.ଏନ.ଏ.): ଶେରଗଡ଼ ବ୍ଲକ ତହଁର ଗ୍ରାମର ମୁଖ୍ୟରାସ୍ତା ଖଣ୍ଡରା ଗ୍ରାମ ହନୁମାନ ମନ୍ଦିରରୁ ରହିଛି। ଉକ୍ତ ରାସ୍ତାରେ ପିତଳ, ପାକିଡ଼ି ଓ ତହଁର ଗ୍ରାମର ଜନସାଧାରଣ ଯିବାଆସିବା କରନ୍ତି। କିଛିଦିନ ହେଲା ଉକ୍ତ ରାସ୍ତାଟି ଖାଲ ଖମାରେ ଭର୍ତ୍ତି ହୋଇଛି। ଏପିରିକି କିଛି ଜାଗାରେ ଛୋଟ ଛୋଟ ଗାତ ସୃଷ୍ଟି ହୋଇଛି। ଉକ୍ତ ରାସ୍ତାରେ ଯିବା ଆସିବା ସମୟରେ ଦୁର୍ଘଟଣାର ଶିକାର ହୋଇ ଲୋକେ ଆହତ ହେଉଛନ୍ତି। ଏହି ରାସ୍ତା ନିର୍ମାଣ କରିବାକୁ ପୂର୍ତ୍ତ ବିଭାଗ ନିକଟରେ ଦାବି କଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଜିଲା ପ୍ରଶାସନ ଦୃଷ୍ଟି ଦେଇ ରାସ୍ତା ମରାମତି ପାଇଁ ନିର୍ଦ୍ଦେଶ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ୨୭ରୁ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ

ଭଦ୍ରକ ଅଫିସ,୧୯।୨- ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ୩ ଦଫା ଦାବି ନେଇ ଆସନ୍ତା ୨୭ ତାରିଖରୁ ଆନ୍ଦୋଳନ କରାଯିବ। ରବିବାର ଭାଗବତ କଲ୍ୟାଣ ମଣ୍ଡପଠାରେ ସଂଘ ପକ୍ଷରୁ ଜିଲା ସଭାପତି ଅରବିନ୍ଦ ଦୀକ୍ଷିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ୬ ବର୍ଷର ଶିକ୍ଷା ସହାୟକ ଠିକା ସମୟକୁ ମୂଳ ଚାକିରିରେ ଗଣନା କରି ୬ଟି ନ୍ୟାଶନାଲ ଇନ୍କ୍ରିମେଣ୍ଟ ପ୍ରଦାନ, କେନ୍ଦ୍ରୀୟ ହାରରେ ଦରମା ଏବଂ ପୁରୁଣା ପେନ୍ସନ ପ୍ରଚଳନ ଦାବିରେ ଗତ ନଭେମ୍ବର ୨୭ରେ ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଥିଲେ। ୩ମାସ ବିତିଯାଇଥିଲେ ମଧ ଦାବି ପୂରଣ ନ ହେବାରୁ ଆସନ୍ତା ୨୭ ତାରିଖରେ ବିଧାୟକମାନଙ୍କ ବାସଭବନ ଆଗରେ ଧାରଣା ଏବଂ ୨୮ରୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ରାଜଧାନୀରେ ଆନ୍ଦୋଳନ କରାଯିବ ବୋଲି ସଂଘର ଜିଲା ସମ୍ପାଦକ ପ୍ରଣୟ ମହାପାତ୍ର, ରାଜ୍ୟ ସଙ୍ଗଠନ ସମ୍ପାଦକ ତବରେଜ୍ ଖାନ୍, ମହାସଚିବ ଜ୍ୟୋତିର୍ମୟ ଅଗସ୍ତି, ଶିକ୍ଷକ ନେତା ନୀଳାଦ୍ରି ତ୍ରିପାଠୀ, ରୂପକ ମିଶ୍ର, ଗୟାଧର ଦାସ, ବୃନ୍ଦାବନ ବାରିକ, ପ୍ରଦୀପ ସେଠୀ, ସୁକାନ୍ତ ନାୟକ ପ୍ରମୁଖ ପ୍ରକାଶ କରିଛନ୍ତି।

### ୨ଜଣଙ୍କ ଆତ୍ମହତ୍ୟା

ରାଇରଙ୍ଗପୁର,୧୯।୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ଅଧୀନ ଯାମଦା ଓ ତିରିଂ ଥାନା ଅଞ୍ଚଳରେ ୨ ଜଣ ଆତ୍ମହତ୍ୟା କରିଛନ୍ତି। ଯାମଦା ଥାନା ଅଧୀନ ମଧୁପୁର ଗ୍ରାମର ଝିନ ମାଝି(୫୫) ପିନ୍ଧା ଶାଢ଼ିରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେହିପରି ତିରିଂ ଥାନା ଅଧୀନ ଚନ୍ଦ୍ରୀ ଗ୍ରାମର ପ୍ରତାପ ସି ସଇଁୟା ବିଷ ପିଇ ଗୁରୁତର ହୋଇ ପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ବହଳଦା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ପୋଲିସ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ତଦନ୍ତ ଜାରି ରଖିଛି।

### ପ୍ରାତଃ ଭ୍ରମଣ ବେଳେ ବାଇକ୍ ଧକ୍କାରେ ବୃଦ୍ଧ ମୃତ

ଧୂଷୁରୀ,୧୯।୨(ସ୍ୱ.ପ୍ର.)-ଭଦ୍ରକ-ଆରଡ଼ି ରାସ୍ତାର ଧୂଷୁରୀ ଥାନା ଅଧୀନ କୋଠାର ହନୁମାନ ମନ୍ଦିର ନିକଟରେ ଏକ ବୁଲେଟ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧୂଷୁରୀ ପଞ୍ଚାୟତ ବାହାରବିଲ ଗ୍ରାମର ଭାଗୀରଥି ଗାହାଣ(୬୪)। ସୂଚନା ଅନୁଯାୟୀ, ଭାଗୀରଥି ପ୍ରାତଃ ଭ୍ରମଣରେ ଆସିଥିବା ବେଳେ ଉକ୍ତ ସ୍ଥାନରେ ଏକ ବୁଲେଟ୍ ପଛପଟୁ ତାଙ୍କୁ ଧକ୍କା ଦେଇଥିଲା। ପରେ ବାଇକ୍ ଛାଡ଼ି ଆରୋହୀ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଭାଗୀରଥିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭଦ୍ରକ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧୂଷୁରୀ ପୋଲିସ ଉକ୍ତ ବୁଲେଟକୁ ଜବତ କରିବା ସହ ଏକ ମାମଲା(ନଂ.୬୯/୨୩) ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ‘ଶବ୍ଦ ସରଳ ହେଲେ ସାହିତ୍ୟ ହୃଦୟଛୁଆଁ ହେବ’

**ବର୍ଷା ସାହିତ୍ୟ ସଂସଦର ବାର୍ଷିକ ସାରସ୍ୱତ ସମାବେଶ**

ଦାମନଯୋଡି,୧୯।୨(ଡି.ଏନ.ଏ.)

‘ସାହିତ୍ୟିକଟିଏ ଶବ୍ଦକୁ ଗୁନ୍ଥି ଭଲ ସାହିତ୍ୟ ସୃଷ୍ଟି କରିବାକୁ ଅନବରତ ଉଦ୍ୟମ କରିଥାଏ। ତେବେ ଶବ୍ଦ ସବୁ ସରଳ, ମଧୁର ଓ କୋମଳ ହେଲେ ପ୍ରତିଟି ହୃଦୟକୁ ଛୁଇଁ ପାରିବ ବୋଲି ବର୍ଷା ସାହିତ୍ୟ ସଂସଦର ବାର୍ଷିକ ସାରସ୍ୱତ ସମବେଶରେ ଯୋଗଦେଇ ବିଶିଷ୍ଟ କବି ଡ.ଫନୀ ମହାନ୍ତି କହିଛନ୍ତି। ଦାମନଯୋଡିର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ‘ବର୍ଷା ସାହିତ୍ୟ ସଂସଦ’ର ୩୧ତମ ବାର୍ଷିକ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ରୂପେ ଯେଗଦେଇ ସେ ଏହା କହିଛନ୍ତି। ନାଲକୋ ଟାଉନସିପ ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ଆୟୋଜିତ ଉତ୍ସବରେ ଯୋଗଦେଇ ଡ. ମହାନ୍ତି କହିଥିଲେ, ସାହିତ୍ୟ ସମାଜକୁ ପରିବର୍ତ୍ତନ କରିବା କ୍ଷମତା ରଖିଥାଏ। ଜୀବନ ଜିଜ୍ଞାସା ଓ ଜଗତ ଜିଜ୍ଞାସା ମଧ୍ୟରେ ସମନ୍ୱୟ ମଧ ରଖିଥାଏ। ଏହି ଅବସରରେ ସେ ବିଭିନ୍ନ ଭାଷାରେ ଓଡ଼ିଆ ସାହିତ୍ୟ ଅନୁଦିତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ରୂପେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶୀଲ ପାଢୀ ଯୋଗଦେଇ ପିଲାବେଳୁ ଛାତ୍ରୀଛାତ୍ରଙ୍କ ପାଇଁ ସାହିତ୍ୟର ପରିବେଶ ସୃଷ୍ଟି କରିବାକୁ ଗୁରୁତ୍ୱ ଦେଇ ଆନ୍ତର୍ଜାତିକ ସ୍ତରରେ ଓଡ଼ିଆ ପୁସ୍ତକର ଉପଲବ୍ଧି ଉପରେ ମତ ରଖିଥିଲେ। ନାଲକୋ ସର୍ବଦା କଳା,ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ପୃଷ୍ଠ ପୋଷକତା କରି ଆସୁଥିବା ପାଢୀ ସୂଚନା ଦେଇଥିଲେ। ଉତ୍ସବରେ ସମ୍ମାନିତ ଅତିଥି ରୂପେ ବରିଷ୍ଠ ଗାନ୍ଧିବାଦୀ ବ୍ୟକ୍ତିତ୍ୱ ତଥା ବର୍ଷୀୟାନ ସମାଜିକ କର୍ମୀ କୃଷ୍ଣ ସିଂହ ଯୋଗଦେଇ କହିଲେ, ଆମ ଚେତନା ସର୍ବଦା ବିଶ୍ୱବ୍ୟାପୀ ହେବା ଉଚିତ୍। ଅନ୍ୟତମ ସମ୍ମାନିତ ଅତିଥି କବି ତଥା ଇଞ୍ଜିନିୟର ସରୋଜ ମହାପାତ୍ର ସାହିତ୍ୟକୁ ଭଲପାଇବା ନେଇ ମତ ରଖିଥିଲେ। ପୂର୍ବାହ୍ନ ଅଧିବେଶନରେ ଉଦ୍‌ଘାଟନ କାର୍ଯ୍ୟ ସହିତ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସାଂପ୍ରତିକ ପରିସ୍ଥିତିରେ ଓଡ଼ିଆ ଭାଷା,ସାହିତ୍ୟର ସ୍ଥିତି,ପ୍ରଗତି ଓ ଉତ୍ତର ପୀଢିଙ୍କୁ ନେଇ ଭବିଷ୍ୟତ ଉପରେ ଅତିଥିମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବର୍ଷାର ମୁଖପତ୍ର ଉନ୍ମୋଚନ ସହିତ ବିଜୟ ଜେନା ଓ ଦେବେନ୍ଦ୍ର ରାଜୁଙ୍କ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲଙ୍କ ବାର୍ତ୍ତା ପାଠ କରାଯାଇଥିଲା। ମାଲକାନଗିରିର କବି ବଳରାମ ପୂଜାରୀ ଓ ଦାମନଯୋଡିର କବି ଦେବେନ୍ଦ୍ର ରାଜୁଙ୍କୁ ବର୍ଷା ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଛାତ୍ରୀ ନମିତା ମୁଣ୍ଡାଗଡିଆଙ୍କୁ ରମାମଣି ସମ୍ମାନ ପ୍ରଦାନ କରାଯାଇଥିଲା। ଗତ ମ୍ୟାଟ୍ରିକ ପରୀକ୍ଷାରେ ସାହିତ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବରିଷ୍ଠ ସାହିତ୍ୟିକା ମମତାରାଣୀ ଆଚାର୍ଯ୍ୟ, ଭାରତୀ ସାହୁ ଓ ସହିତ ସଙ୍ଗୀତ ଶିକ୍ଷକ ବୃନ୍ଦାବନ ଖଣ୍ଡୁଆଳଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଅତିଥିମାନେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ସମାରୋହ ଉଦଘାଟନ କରିଥିଲେ। ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ରୀମାନେ ‘ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ବର୍ଷା ସାହିତ୍ୟ ସଂସଦର ସଭାପତି ଡ.ପ୍ରଦୀପ ପାଇଯୋଶୀଙ୍କ ଅଧ୍ୟକ୍ଷତା କରିଥିଲେ। ଡ.ସ୍ୱାତୀ ଚାଟାର୍ଜୀ ମଞ୍ଚ ସଂଯୋଜନା କରିଥିଲେ। ବିଜୟ ଜେନା ଅତିଥି ପରିଚୟ ଦେଇଥିଲେ। ଡ.ଅଶୋକ ମହାନ୍ତି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ପାଦକ ଶ୍ରୀଧର ପରିଡ଼ା ବିବରଣୀ ପାଠ କରିଥିଲେ। ତ୍ରୈଲୋକ୍ୟନାଥ ସାହୁ ଧନ୍ୟବାଦ ଦେଇଥିଲେ। ନାଲକୋ ସମୂହ ମହାପ୍ରବନ୍ଧକ ହରପ୍ରସାଦ ଦାଶ,ସ୍ୱରୁପାନନ୍ଦ ମିଶ୍ର, ବିକାଶ ପଣ୍ଡା, ବିଦ୍ୟାମନ୍ଦିର ସମ୍ପାଦକ ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସସ୍ମିତା ସାମଲ, ଶାନ୍ତାବାଳା ରଥ, ନଳିନୀକାନ୍ତ ସେନାପତି, ଡ.ମନୋଜ ନାୟକ ସହଯୋଗ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ଅବିଭକ୍ତ କୋରାପୁଟ ଜିଲାର ୮୦ରୁ ଉର୍ଦ୍ଧ୍ୱ କବୟିତ୍ରୀ କବି ସ୍ୱରଚିତ କବିତା ପାଠ କରିଥିଲେ। ନାଲକୋ ସମୂହ ମହାପ୍ରବନ୍ଧକ ସୁରେଶ ଚନ୍ଦ୍ର ସାମଲ ସ୍ୱତନ୍ତ୍ର ଅତିଥି ରୂପେ ଉପସ୍ଥିତ ଥିଲେ। ଡିପିଏସ ଅଧ୍ୟକ୍ଷା ଦ୍ୱିପାନ୍ୱିତା ଦାସ ଅଧ୍ୟକ୍ଷତା କରିଥିଲେ। ପ୍ରଭାସିନୀ ପାଣି ଓ ରାଜଲକ୍ଷ୍ମୀ ସାହୁ କବିତା ସଂଯୋଜନା କରିଥିଲେ। ସସ୍ମିତା ସାମଲ,ଶାନ୍ତାବାଳା ରଥ, ନଳିନୀକାନ୍ତ ସେନାପତି, ଡ.ମନୋଜ ନାୟକ, ଭାରତୀ ସାହୁ ଓ ରାଜୀବ ନାୟକ ସହଯୋଗ କରିଥିଲେ।



ଅତିଥିମାନେ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

### ଗଞ୍ଜାମ ଜିଲା ଘରୋଇ ବସ୍ ମାଲିକ ସଂଘର ବିବାଦ

ବ୍ରହ୍ମପର ଅଫିସ,୧୯।୨: ଗଞ୍ଜାମ ଜିଲା ଘରୋଇ ବସ୍ ମାଲିକ ସଂଘ ବିବାଦ ଦେଖାଦେଇଛି। ଦୁଇ ଗୋଷ୍ଠୀ ହେବା ସହ ପରସ୍ପର ବିରୋଧରେ ଆରୋପ ଓ ପ୍ରତ୍ୟାରୋପ ଅଭିଯୋଗ ପରେ ବୈଦ୍ୟନାଥପୁର ଥାନାରେ ନଂ.୯୫/୨୩ ରେ ମାମଲା ରୁଜୁ ହୋଇଛି। ପୋଲିସ ଉଭୟ ପକ୍ଷଙ୍କୁ ଥାନାକୁ ଡାକି ପଚରାଉଚରା କରିଛି। ଘଟଣାର ତଦନ୍ତ ଜାରି ରହିଥିବା ଥାନାଧିକାରୀ ରାମ କୁମାର ମୁର୍ମୁ କହିଛନ୍ତି। ପ୍ରକାଶ ଯେ, କିଛିଦିନ ପୂର୍ବେ ଗୋଟିଏ ସଂଘ ବୈଠକ କରି କେତେକ ସଦସ୍ୟଙ୍କୁ ସଂଘରୁ ବାହାର କରିବା ସହ ସମ୍ପାଦକଙ୍କୁ ମଧ ବାଦ ଦିଆଯାଇଥିବା ଘୋଷଣା କରିଥିଲା। ସଂଘର ଏଭଳି ପଦକ୍ଷେପକୁ ନେଇ ଉଭୟ ପକ୍ଷ ଗଣ୍ଡଗୋଳ ହେବା ପରେ ରବିବାର ବୈଦ୍ୟନାଥପୁର ଥାନାରେ ଉଭୟ ପକ୍ଷରୁ ଏତଲା ଦିଆଯାଇଥିଲା। ପୋଲିସ ଅଭିଯୋଗକୁ ଗ୍ରହଣ କରି ମାମଲା ରୁଜୁ କରିଛି। ସଂଘ ପକ୍ଷରୁ ଯାହା ରିଜୋଲେଶନ୍ ଗୃହୀତ ହୋଇଛି ସେ ସମ୍ପର୍କିତ ସମସ୍ତ କାଗଜପତ୍ର ଥାନାରେ ଦାଖଲ କରିବାକୁ ଥାନାଧିକାରୀ ସଂଘ କର୍ମକର୍ତ୍ତାଙ୍କୁ କହିଛନ୍ତି।

## ଆରମ୍ଭ ହେଲା ମୁନିଖୋଲ କ୍ରିକେଟ ଟୁର୍ନାମେଣ୍ଟ

ମୁନିଗୁଡ଼ା, ୧୯।୨(ଡି.ଏନ୍.ଏ.)

ରାୟଗଡା ଜିଲା ମୁନିଗୁଡା ମୁନିଖୋଲ ଖେଳ ପଡିଆରେ ଟେନିସବଲ ମୁନିଖୋଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସମବାୟ ସମିତି ନିର୍ଦ୍ଦେଶକ ତଥା ପୂର୍ବତନ ଏସ୍‌ଡିସି ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡ୍ରୁକା,ସରପଞ୍ଚ ପାଇକା ଜାକାକା, ମୁନିଗୁଡା କ୍ରିକେଟ ଆସୋସିଏଶନ ଚେୟାରମ୍ୟାନ ଘନଶ୍ୟାମ ମାର୍ଥା ପ୍ରମୁଖ ଉପସ୍ଥିତ ରହି ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସରେ ତିନୋଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ପାତ୍ରଗୁଡା ଓ କୁତ୍ରାଗଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେଥିରେ କୁତ୍ରାଗଡା ବିଜୟୀ ହୋଇଥିଲା। ଟିକରପଡା ଓ ଡାକୁଲୁଗୁଡା ଏବଂ ରାମନାକୁପୁଲି ଓ ଦହିଖାଲ ମଧ୍ୟରେ ପରବର୍ତ୍ତୀ ମ୍ୟାଚ ଖେଳାଯାଇଥିଲା। ଏଥିରେ ଟିକରପଡା ଓ ରାମନାକୁପୁଲି ଦଳ ବିଜୟୀ ହୋଇଥିଲେ। ସମସ୍ତ ମ୍ୟାଚରେ ତୁଫାନ ମାଝି ଓ ମହମ୍ମଦ କାୟୁମ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଏହି ଟୁର୍ନାମେଣ୍ଟରେ ମୋଟ ୨୪ଟି ଦଳ ଭାଗ ନେଇଥିବାବେଳେ ଆସନ୍ତା ୫ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ। ଅନ୍ୟମାନଙ୍କ ମଧ୍ୟରେ ଟୁର୍ନାମେଣ୍ଟକୁ ମୁନିଖୋଲ କ୍ରିକେଟ କମିଟିର ସୁରଜ ପାତ୍ର, ଦୟାସାଗର ମଣ୍ଡାଙ୍ଗୀ, ଉଦ୍ଧବ କାଡ୍ରାକା, ଅଙ୍କିତ କାଡ୍ରାକା, କୀର୍ତ୍ତନ କୁମାର ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।


ଅତିଥିମାନେ ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

## ‘ଏକ ବିଂଶ ଶତାବ୍ଦୀର ରେବତୀ’ ଲୋକାର୍ପିତ

ପାରଳାଖେମୁଣ୍ଡି, ୧୯।୨ (ଡି.ଏନ୍.ଏ)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଉତ୍କଳ ହିତୈଷିଣୀ ସମାଜ ସଭାଗୃହଠାରେ ଗାଳ୍ପିକ ନରସିଂହ ପଟ୍ଟନାୟକଙ୍କ ଗଳ୍ପ ସଂକଳନ ‘ଏକ ବିଂଶ ଶତାବ୍ଦୀର ରେବତୀ’ ଲୋକାର୍ପିତ ହୋଇଛି। ଉନ୍ମଚକ ତଥା ସଭାପତି ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଯୁଗ୍ମ ଅତିଥି ଭାବେ ପ୍ରାକ୍ତନ ଓଡିଶା ସାହିତ୍ୟ ଏକାଡେମୀ ସଭ୍ୟ ତଥା ମାଲକାନାଗିରିର ବୁଲୁ ହୋତା ଓଡିଶା ସାହିତ୍ୟ ଏକାଡେମୀ ଗଜପତି ଜିଲା ସଭ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା, ସମୀକ୍ଷକ ଭାବେ ନବରଙ୍ଗପୁରର ଅଶୋକ ପଟ୍ଟନାୟକ ଏବଂ ପାରଳାଖେମୁଣ୍ଡି ମହିଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ରୀନା ସାହୁ ପ୍ରମୁଖ ଯୋଗଦେଇ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଅଧାପିକା ଡ. କଲ୍ୟାଣୀ ମିଶ୍ର, ଆକାଶବାଣୀ ସଂଯୋଜିକା ଦେବୀରାଣୀ ନନ୍ଦ, ବ୍ରହ୍ମପୁରର କବି କପିଳଚନ୍ଦ୍ର ମହାନ୍ତି, ମୂରଲୀଧର ପରିଚ୍ଛା, ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ପ୍ରମୁଖଙ୍କ ସହ ସହରର ବହୁ ବୁଦ୍ଧିଜୀବୀ ଏବଂ କବି କବୟିତ୍ରୀମାନେ ଉପସ୍ଥିତ ଥିଲେ।

## ମହିଳା ସଶକ୍ତୀକରଣ ନେଇ ସଚେତନତା ଶିବିର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଗୁଣପୁର,୧୯।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ସମ୍ମିଳନୀ କକ୍ଷରେ ମହିଳା ସଶକ୍ତିକରଣକୁ ନେଇ ଏକ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ମହିଳା କମିଶନଙ୍କ ସହଯୋଗରେ ଜାତୀୟ ଆଇନ ସେବାସଂସ୍ଥା,ରାଜ୍ୟ ଆଇନ ସେବାସଂସ୍ଥା ଏବଂ ଗୁଣପୁର ତାଲୁକ ଆଇନ ସେବାସଂସ୍ଥା ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ମହିଳାଙ୍କ ଅଧିକାର, ନେଇ ରହିଥିବା ବିଭିନ୍ନ ଆଇନ ଉପରେ ଆଲୋକପାତ କରାଯାଇଥିଲା। ଗୁଣପୁର ତାଲୁକ ଆଇନ ସେବାସଂସ୍ଥା ଅଧ୍ୟକ୍ଷ ମାନସ ରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସବ ଜଜ ସନ୍ତୋଷ ମହାପାତ୍ର, ଏସଡିଜେଏମ୍ ଶାନ୍ତିଶ୍ରୀ ମହାନ୍ତି, ଜେଏମ୍ଏଫସି ଦେବ ସ୍ୱୟଂପ୍ରିୟ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଓକିଲ ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ ମଞ୍ଚାସୀନ ଥିଲେ। ସାହାର ପରିବାର ପରାମର୍ଶ କେନ୍ଦ୍ର ସଚୀବ ପ୍ରମୋଦ ସାହୁ, ସାଧନ କର୍ମୀ ସସ୍ମିତା ପାତ୍ର ମହିଳାଙ୍କ ଅଧିକାର ନେଇ ଆଲୋକପାତ କରିଥିଲେ। ଅଙ୍ଗନୱାଡି,ଆଶା କର୍ମୀ ଏବଂ ଏସ୍ଏଚ୍‌ଜି ମହିଳାମାନେ ଯୋଗ ଦେଇଥିଲେ।

## ଜାତୀୟସ୍ତରୀୟ ମାଷ୍ଟର୍ସ ଭେଟେରାନ୍ ପ୍ରତିଯୋଗିତା

**ବ୍ରହ୍ମପୁରକୁ ୪ ପଦକ**

ବ୍ରହ୍ମପୁର ଅଫିସ,୧୯।୨

ମାଷ୍ଟର ଭେଟେରାନ୍ ଆସୋସିଏଶନ ପକ୍ଷରୁ କୋଲକାତାର ସଲ୍ଟଲେକ ଷ୍ଟାଡିୟମ୍‌ଠାରେ ଗତ ୧୪ ରୁ ୧୯ ତାରିଖ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ମାଷ୍ଟର୍ସ ନ୍ୟାଶନାଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲାରୁ ୨୫ ପୁରୁଷ ଓ ୨ ଜଣ ମହିଳା ବିଭିନ୍ନ ବର୍ଗରେ ଜାତୀୟସ୍ତରରେ ବହୁ ଇଭେଣ୍ଟରେ ପ୍ରତିଯୋଗିତା କରିଥିଲେ। ଡିସ୍କସ୍ ଥ୍ରୋ, ହାମାର ଥ୍ରୋ ଓ ଦୌଡ଼ରେ ଜାତୀୟସ୍ତରରେ ୪ ପଦକ ଅର୍ଜନ କରି ଗଞ୍ଜାମ ଜିଲାର ଗୌରବ ବଢ଼ାଇଛନ୍ତି। ପ୍ରତିଯୋଗୀମାନେ ହେଲେ ଆଥ୍‌ଲେଟିକ କୋଚ ସୁରେନ୍ଦ୍ର କୁମାର ପଟ୍ଟନାୟକ ଡିସ୍କସ ଥ୍ରୋ ୭୫ ବର୍ଷରୁ ଉର୍ଦ୍ଧ୍ୱ ବୟସ ବର୍ଗ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର ସହ ଜାତୀୟ ସ୍ତରରେ ସ୍ୱର୍ଣ୍ଣ, ରାଜେନ୍ଦ୍ର କୁମାର ସାହୁ ଡିସ୍କସ୍ ଥ୍ରୋ ୪୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ତୃତୀୟ ସ୍ଥାନ ଅଧିକାର ସହ କାଂସ୍ୟ, ଅରୁଣ କୁମାର ମହାରଣା ୩୦ ବର୍ଷରୁ ଉର୍ଦ୍ଧ୍ୱ ହାମାର ଥ୍ରୋରେ ଦ୍ୱିତୀୟ ସ୍ଥାନ ଅଧିକାର ସହ ରୌପ୍ୟ ପଦକ ଓ ହାବିଲଦାର ସୀମାଞ୍ଚଳ ବାରିକ ୩୫ ବର୍ଷରୁ ଉର୍ଦ୍ଧ୍ୱ ୪୦୦ ମିଟର ଦୌଡ଼ରେ ତୃତୀୟ ସ୍ଥାନ ଅଧିକାର ସହ କାଂସ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗୀମାନେ ରବିବାର ବ୍ରହ୍ମପୁରରେ ପହଞ୍ଚିଛନ୍ତି। ସେମାନଙ୍କ ସହ ଟିମ୍ କୋଚ ଭାବେ ସୁରେନ୍ଦ୍ର କୁମାର ପଟ୍ଟନାୟକ ଓ ମ୍ୟାନେଜର ଗୋପାଳ ଚନ୍ଦ୍ର ପଣ୍ଡା କୋଲକାତା ଯାତ୍ରା କରିଥିଲେ।


ଜାତୀୟସ୍ତରୀୟ ଡିସ୍କସ୍ ଥ୍ରୋ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ପ୍ରାପ୍ତ ଆଥ୍‌ଲେଟ କୋଚ ସୁରେନ୍ଦ୍ର କୁମାର ପଟ୍ଟନାୟକ।

## ଖୋଲାପଡ଼ିଆରେ ଗଦାହୋଇଛି ମଦ ବୋତଲ

ପାରଳାଖେମୁଣ୍ଡି,୧୯।୨ (ଡି.ଏନ୍.ଏ)

ଗଜପତି ଜିଲା ଗୋଷାଣି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ଖୋଲାପଡ଼ିଆରେ ବସ୍ତା ବସ୍ତା ଖାଲି ବିଦେଶୀ ମଦ ବୋତଲ ଗଦା ହୋଇଥିବା ଦେଖିବାକୁ ମିଳିଛି। ଏହି ଖାଲି ବୋତଲଗୁଡିକ କିଏ ଗଚ୍ଛିତ ରଖିଛି ଓ କେଉଁ ଉଦ୍ଦେଶ୍ୟରେ ରଖିଛି ଜଣାପଡ଼ିନାହିଁ। ତେବେ ଏପରି ବସ୍ତା ବସ୍ତା ଖାଲି ମଦ ବୋତଲ ଦେଖିଲେ ଜଣାପଡୁଛି ଏହି ଅଞ୍ଚଳ ଏବେ ନିଶାସକ୍ତଙ୍କ ଚରାଭୂଇଁ ପାଲଟିଗଲାଣି। ଗୋଷାଣି ଗ୍ରାମାଞ୍ଚଳରେ ଗୋଟିଏ ବି ବିଦେଶୀ ମଦ ଦୋକାନ ନାହିଁ। ଗ୍ରାମଠାରୁ ୬କିମି ଏବଂ ୪କିମି ଦୂରତାରେ ଦୁଇଟି ବିଦେଶୀ ମଦ ଦୋକାନ ରହିଛି। ହେଲେ ଏହି ଖୋଲା ପଡ଼ିଆରେ ଏତେସଂଖ୍ୟକ ବୋତଲ ପଡ଼ିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ନିଶାସକ୍ତ ଲୋକମାନେ ବାହାରୁ ମଦ କିଣି ଆଣି ଏହି ପଡ଼ିଆରେ ପିଇସାରିବା ପରେ ବୋତଲ ପକାଇ ଦେଇ ଚାଲିଯାଉଛନ୍ତି। ଏହି ଅଞ୍ଚଳଟି ନିର୍ଜନ ଓ ବନାଞ୍ଚଳ ହୋଇଥିବାରୁ ନିଶାସକ୍ତ ଲୋକମାନେ ମଦ୍ୟପାନ କରିବାକୁ ଏହି ପଡ଼ିଆକୁ ନିରାପଦ ମଣୁଛନ୍ତି। ତେଣୁ ଏଠାରେ ମଦ୍ୟପାନ କରିବା ପରେ ବୋତଲଗୁଡ଼ିକୁ ପକାଇ ଦେଉଛନ୍ତି। ସେହି ବୋତଲଗୁଡ଼ିକ ଅନ୍ୟ କେହି ବ୍ୟକ୍ତି ଏକାଠି କରି ରଖୁଥିବା ଅନୁମାନ କରାଯାଉଛି।

## ମୁନିଗୁଡ଼ାରୁ ଭୁବନେଶ୍ୱର ଗଲେ ଶତାଧିକ କର୍ମୀ

ମୁନିଗୁଡ଼ା, ୧୯।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ଓଡ଼ିଶା ଜୀବିକା ମିଶନରେ କାର୍ଯ୍ୟରତ କର୍ମୀମାନେ ମହାସମାବେଶରେ ଯୋଗ ଦେବା ପାଇଁ ଭୁବନେଶ୍ୱର ଯାଇଛନ୍ତି। ମୁନିଗୁଡ଼ା ଅଞ୍ଚଳରେ କାର୍ଯ୍ୟରତ ସିଆରପି ଜିଲା ସଭାପତି ଅମ୍ବିକା ନାଏକ ଓ ଏମବିକେ ସଭାପତି ରୂପାବତୀ ନାଲାଙ୍କ ନେତୃତ୍ୱରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପ୍ରାଣୀମିତ୍ର, କୃଷିମିତ୍ର, ବ୍ୟାଙ୍କମିତ୍ର,ସିଆରପି ,ଏମବିକେ,ଓଇଏଲ୍ଏସ୍‌ପି ୧୦ଦଫା ଦାବି ନେଇ ସମାବେଶରେ ଯୋଗ ଦେବେ। ସ୍ଥାୟୀ ନିଯୁକ୍ତି, ପାରିଶ୍ରମିକ ବୃଦ୍ଧି,ଗ୍ରସ୍ତ ଖର୍ଚ୍ଚ ବୃଦ୍ଧି, ମିଶନ ଶକ୍ତି ପରିଚୟପତ୍ର ପ୍ରଦାନ, ଡ୍ରେସ୍‌କୋର୍ଡ, ମୋବାଇଲ ରାଶି, ବୋନସ, ଅନଲାଇନ ଏଣ୍ଟ୍ରି ନିମନ୍ତେ ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କୁ ଉପଯୁକ୍ତ ତାଲିମ ଦେବା ନେଇ ସେମାନଙ୍କ ଦାବି ରହିଛି। ଏସଏଚ୍‌ଜି ଋଣ ନେବା ପାଇଁ ଗୋଷ୍ଠୀ ବିନିଯୋଗ ପାଣ୍ଠି ୫୦ଲକ୍ଷ(ସିଆଇଏଫ) ପ୍ରଦାନ ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କୁ ଇଏସ୍ଆଇ ସୁବିଧା ସହିତ ଛୁଟି, ମିଶନ ଶକ୍ତିରେ ବାହାରୁ ଥିବା ପଦବୀରେ ଯୋଗ୍ୟତା ଭିତ୍ତିକ ନିଯୁକ୍ତି ଦେବାକୁ ମଧ ସେମାନଙ୍କ ଦାବି ରହିଛି। ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନରୁ ଏକ ଶୋଭାଯାତ୍ରା ବାହାରି ବିଧାନସଭା ପର୍ଯ୍ୟନ୍ତ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟ ରେ ଦାବିପତ୍ର ପ୍ରଦାନ କରିବେ। ଏହାର ନକଲ ଶିଶୁ ବିକାଶ ମହିଳା ମନ୍ତ୍ରୀ, ମିଶନ ଶକ୍ତି କମିଶନର, ସିଇଓ ମିଶନ ଶକ୍ତି, ଜିଲା ଡିପିଏମ, ଡିପିସି, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପିଏମ, ବିପିନି, ବିଜୁସ୍ୱାସ୍ଥ୍ୟ ସେକ୍ରେଟାରୀ ,ଜିପିଏଲଏଫ ମିଶନ ଶକ୍ତି କର୍ମୀଙ୍କୁ ପ୍ରଦାନ କରାଯିବ ବୋଲି ଜିଲା ସଭାପତି ରୂପାବତୀ ନାଲା ଓ ଅମ୍ବିକା ନାଏକ କହିଛନ୍ତି।



ଭୁବନେଶ୍ୱର ବାହାରିଥିବା କର୍ମୀମାନେ।

## ‘ଏକାଠି ହୋଇ ନ୍ୟାଯ୍ୟ ଦାବି ନେଇ ଲଢ଼େଇ ହେବ’

ନବରଙ୍ଗପୁର,୧୯।୨(ବି.ପ୍ର.)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡିଶା ଆଶାକର୍ମୀ ସଂଘ ନବରଙ୍ଗପୁର ଜିଲା ଶାଖାର ସମ୍ମିଳନୀ ସ୍ଥାନୀୟ ଶିଶୁମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆଶାକର୍ମୀ ସଂଘର ରାଜ୍ୟ ସହପ୍ରଭାରୀ ମୁକ୍ତିକାନ୍ତ ସାହୁ ଯୋଗଦେଇଥିଲେ। ସଂଘକୁ ଅଧିକ ସୁଦୃଢ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ସମସ୍ତେ ଏକତ୍ରିତ ହୋଇ ନ୍ୟାର୍ଯ୍ୟ ଦାବି ପାଇଁ ଲଢ଼େଇ କରାଯିବ। ବିଗତ ଦିନର ଆନ୍ଦୋଳନ ଓ ଧାରଣା କାରଣରୁ ରାଜ୍ୟ ସରକାର ସମୟ ମାଗିଛନ୍ତି। ଆସନ୍ତା ବଜେଟରେ ରାଜ୍ୟସରକାର ଦାବି ପୂରଣ ପାଇଁ ପଦକ୍ଷେପ ନେବେ। ଯଦି ପୂରଣ ନ ହୁଏ ତାହାହେଲେ ପୁନର୍ବାର ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। ସମ୍ମାନିତ ଅତିଥି ରାଜ୍ୟ ସଂଘ ସାଧାରଣ ସମ୍ପାଦିକା କମଳା ବେହେରା ଯୋଗଦେଇ ଥିଲେ। ସଂଘ ଦ୍ୱାରା ବହୁ ଦାବି ପୂରଣ ହୋଇଛି। ଜିଲା ପ୍ରଶାସନ ଓ ସରକାରଙ୍କୁ ଭୟ ରହିଛି। ସମସ୍ତ ଆଶା କର୍ମୀ ଏକଜୁଟ ହୋଇ ଲଢ଼େଇ କରିବାକୁ ହେବ। ସରକାରୀ ଘୋଷଣା ସହିତ ସମାନ କାମ କୁ ସମାନ ଦରମା ଦେବାକୁ ଦାବି କରିଥିଲେ। ଭାରତୀୟ ମଜଦୁର ସଂଘର ଜିଲା ସଭାପତି ବାଙ୍କ ବିହାରୀ ବିଷୋୟୀ ନିଜର କାମ ଠିକ ଭାବରେ କରିବା ସହ ଲୋକଙ୍କର ସେବା କରିବାକୁ ପରାମର୍ଶ ଦେଇଥିଲେ। ବିଏମଏସର ଉପଦେଷ୍ଟା ପରମେଶ୍ୱର ବିଷୋୟୀ ଜିଲାରେ ଆଶାକର୍ମୀଙ୍କୁ ନେଇ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ସମ୍ପାଦିକା ସଞ୍ଜୁ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଜିଲା ସଭାନେତ୍ରୀ ଗୀତାଞ୍ଜଳି ହରିଜନ ଅଧ୍ୟକ୍ଷତା କରି ମଞ୍ଚ ପରିଚାଳନା କରିବା ସହ ସଂଘର ଏକତା, ଶୃଙ୍ଖଳା ଓ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଜିଲା ଅଙ୍ଗନୱାଡି ସଂଘର ସଭନେତ୍ରୀ ଭାଗ୍ୟବତୀ ଷଡଙ୍ଗୀ, କୋଷାଧ୍ୟକ୍ଷା ମମତା ବ୍ରହ୍ମା, ଜିଲା କୋଠାବାଡ଼ି ମଜଦୂର ସଂଘ ସମ୍ପାଦକ ରାମ ବିଷୋୟୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା ଆଶାକର୍ମୀ ସଂଘର ନୂତନ କମିଟି ଘୋଷଣା କରାଯାଇଥିଲା। ଗୀତାଞ୍ଜଳି ହରିଜନ ଜିଲା ସଭାନେତ୍ରୀ, ପାର୍ବତୀ ବାଘ ଓ ଧାର୍ମିକା ଗଣ୍ଡ ଉପସଭାନେତ୍ରୀ, ଝୁନୁ ପଣ୍ଡା ସମ୍ପାଦିକା, ସତ୍ୟଭାମା ସିଂ ଓ ସରୋଜିନୀ ବାଘ ସହସମ୍ପାଦିକା,କୋଷାଧକ୍ଷାଭାବେ ରୋଜି ଭତରାଙ୍କୁ ଚୟନ କରାଯାଇଛି। ଏଥିସହ ସଂଘର ୧୮ ଜଣିଆ ସଦସ୍ୟଙ୍କର ନାମ ଘୋଷଣା କରାଯାଇଥିଲା। ଏହି ସମ୍ମିଳନୀରେ ଜିଲାର ସମସ୍ତ ବ୍ଲକରୁ ଆଶାକର୍ମୀମାନେ ଯୋଗ ଦେଇଥିଲେ।



ବୈଠକରେ ଅତିଥି ଓ ଆଶାକର୍ମୀ ସଂଘ ସଦସ୍ୟମାନେ।

**ଆଶା କର୍ମୀ ସଂଘର ଜିଲା ସମ୍ମିଳନୀ**

# ବିପଦ ସାଜୁଛି ରେଲୱେ ଓଭର ବ୍ରିଜ୍ ବିପଦସଙ୍କେତ ଲୁହାରଡ଼

- ଉଭୟ ପାର୍ଶ୍ୱରେ ଅଟକି ରହିଥିଲା ଶତାଧିକ ଗାଡି ମୋଟର
- ଏପରି ବାରମ୍ବାର ଘଟୁଥିଲେ ମଧ କିଛି ପଦକ୍ଷେପ ନେଉନି ପ୍ରଶାସନ
- ନୂଆ ନୁହେଁ, ପୂର୍ବରୁ ଘଟିଛି ଏପରି ଘଟଣା

କୋରାପୁଟ, ୧୯।୨(ସ୍ୱ.ପ୍ର.)

କୋରାପୁଟ ସଦର ଥାନା ନିକଟ ରେଲୱେ ଓଭର ବ୍ରିଜର ବିପଦ ସଙ୍କେତ ସୂଚାଉଥିବା ଲୁହାରଡ଼ରେ ଏକ ମାଲ ବୋଝେଇ ଟ୍ରକ ବାଜି ରବିବାର ସେଠାରେ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହୋଇଥିଲା। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ମୋଟର ଅଟକି ରହିଥିଲା। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ଖବରରୁ ଜଣାପଡିଛି, ମାଲକାନାଗିରି ଅଞ୍ଚଳରୁ କେନ୍ଦୁପତ୍ର ଧରି କୋଲକାତା ଯାଉଥିବା ଏକ ଟ୍ରକ(ସିଜି-୦୪-ଏଚ୍‌ୟୁ-୬୧୫୯) ଓଭରବ୍ରିଜ୍ ଦେଇ ଯାଉଥିବା ବେଳେ ରେଲୱେ ଓଭର ବ୍ରିଜରେ ବିପଦ ସଙ୍କେତ ସୂଚାଉଥିବା ଏକ ଲୁହାଖୁଣ୍ଟିରେ ବାଜି ଯାଇଥିଲା। ଫଳରେ ଟ୍ରକରେ ଥିବା ଶତାଧିକ କେନ୍ଦୁପତ୍ର ବସ୍ତା ୨୬ ନମ୍ବର ଜାତୀୟ ରାଜପଥ ଉପରେ ବିଛାଡି ହୋଇ ପଡିଥିଲା । ଏଥିଯୋଗୁ ଏହି ରାସ୍ତା ଦୀର୍ଘ ସମୟ ଧରି ଅବରୋଧ ହୋଇଥିଲା। ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ମୋଟର ଅଟକି ରହି ଟ୍ରାଫିକ ସମସ୍ୟା ସୃଷ୍ଟି କରିଥିଲା। ଏ ଦିଗରେ ରେଲୱେ କର୍ତ୍ତୃପକ୍ଷ କିମ୍ବା ପୌର ପରିଷଦ ଦୀର୍ଘ ସମୟ ଧରି କୌଣସି ପଦକ୍ଷେପ ନେଇ ନ ଥିଲେ। ଫଳରେ ସେଠାରେ ଉପସ୍ଥିତ ବୁଦ୍ଧିଜୀବୀ ଓ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶେଷରେ ସମ୍ପୃକ୍ତ ଟ୍ରକ ଚଳାଚଳ ସଂସ୍ଥାର କେତେକ କର୍ମଚାରୀ ପହଞ୍ଚି ରାସ୍ତାରୁ କେନ୍ଦୁପତ୍ର ବସ୍ତା ହଟେଇଥିଲେ। ପରେ ଉକ୍ତ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା। କୋରାପୁଟରେ ଥିବା ଏହି ରେଲୱେ ଓଭର ବ୍ରିଜରେ ଏପରି ଘଟଣା ପ୍ରଥମେ ଘଟିନାହିଁ। ପୂର୍ବରୁ ମଧ୍ୟ ଏପରି ଘଟଣା ଘଟିଛି। ଏହା ସତ୍ତ୍ୱେ ରେଲୱେ କର୍ତ୍ତୃପକ୍ଷ କୌଣସି ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଏଯାଏ କରିନାହାନ୍ତି। କିଛି ବର୍ଷ ତଳେ ବିଶାଖାପାଟଣାରୁ ଭାୟା ନଗରନାର ଆଲୁମିନିୟମ ପ୍ଲାଣ୍ଟକୁ ଏକ ଟ୍ରକ ମେକ୍ ମେଶିନ ନେଇ ଯାଉଥିବା ବେଳେ ଏହି ରେଲୱେ ଓଭର ବ୍ରିଜର ବିପଦସଙ୍କେତ ଲୁହାରଡ଼ରେ ବାଜି ଦୁଇ ଦିନ ଧରି ସେଠାରେ ଅଟକି ରହିଥିଲା। ମାଲ ପରିବହନ କରୁଥିବା ଟ୍ରକ ମାଲିକମାନେ କୋରାପୁଟର ଏହି ଓଭରବ୍ରିଜ ଜାଗା କେତେ ଉଚ୍ଚତାରେ ରହିଛି, ସେହି ଉଚ୍ଚତାରେ ମାଲ ପରିବହନ ବେଳେ କିପରି ସମସ୍ୟା ସୃଷ୍ଟି ହେଉଛି, ଏନେଇ ପ୍ରଶାସନ ଓ ସେମାନେ ଅବଗତ ଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ସାଧାରଣ ଯାତ୍ରୀଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି।


ରେଲୱେ ଓଭରବ୍ରିଜ୍ ନିକଟରେ ବିପଦସଙ୍କେତ ସୂଚାଉଥିବା ଲୁହାରଡ଼ରେ ବାଜି ଟ୍ରକରୁ ବିଛାଡି ହୋଇ ରାସ୍ତାରେ ପଡିଥିବା କେନ୍ଦୁପତ୍ର ବସ୍ତା।

## ସଂକ୍ଷେପରେ

### ଓସିଏ ପକ୍ଷରୁ ବରିଷ୍ଠ ପୁରୁଷ ବର୍ଗ କ୍ରିକେଟ ଟିମ୍ ପାଇଁ ନାମ ପଞ୍ଜୀକରଣ

ଜୟପୁର, ୧୯।୨(ନି.ପ୍ର.)-ବରିଷ୍ଠ ପୁରୁଷ ବର୍ଗ କ୍ରିକେଟ ଟିମ ପାଇଁ ଓଡ଼ିଶା କ୍ରିକେଟ ଆଶୋସିଏସନ (ଓସିଏ) ପକ୍ଷରୁ ଖେଳାଳିଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ଏଥିପାଇଁ ଜୟପୁର ଦଶହରା ପଡିଆରେ ଆସନ୍ତା ୨୦ରୁ୨୪ ପର୍ଯ୍ୟନ୍ତ ନାମ ପଞ୍ଜୀକରଣ କରାଯିବ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟାଯାଏ ଏହି ପ୍ରକ୍ରିୟା ଚାଲୁରହିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଭିଜନ-୨୦୨୪ ଅନ୍ତର୍ଗତ ପୂର୍ବ ବର୍ଷ ପଞ୍ଜୀକୃତ ହୋଇଥିବା କ୍ରିକେଟ କ୍ଲବର ଖେଳାଳିମାନେ ନିର୍ଦ୍ଧାରିତ ସମୟରେ ପଡିଆରେ ଉପସ୍ଥିତ ରହିବାକୁ ଉପଖଣ୍ଡ କ୍ରୀଡ଼ା ସଂଘ ପକ୍ଷରୁ ସମ୍ପାଦକ ରବି ନାୟକ, ଉପାଧକ୍ଷ ଅନୁପ ପାତ୍ର, ବାଲା ରାୟ, କୋଷାଧକ୍ଷ ସଞ୍ଜୟ ଜୈନ ପ୍ରମୁଖ କହିଛନ୍ତି।

### ଦୁଇ ସ୍ୱର୍ଣ୍ଣପଦକ ବିଜେତାଙ୍କୁ ସମ୍ମାନିତ କଲେ ବିଧାୟକ

ଜୟପୁର,୧୯।୨ (ନି.ପ୍ର.)- ଜୟପୁରର ଦୁଇ ମୁଷ୍ଟି ଯୋଦ୍ଧାଙ୍କୁ ବିଧାୟକ ତାରା ପ୍ରସାଦ ବାହିନୀପତି ରବିବାର ସମ୍ମାନିତ କରିଛନ୍ତି । ସେମାନେ ହେଲେ ଲିଙ୍ଗରାଜ ପୂଜାରୀ ଓ ଦିନେଶ ମିଶ୍ର। ଜୟନଗର କଲ୍ୟାଣ ମଣ୍ଡପଠାରେ ଏନେଇ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ହରିୟାନାର ପାନିପଥଠାରେ ହୋଇଥିବା ବକ୍ସିଂ ପ୍ରତିଯୋଗିତାରେ ଲିଙ୍ଗରାଜ ଓ ଦୀନେଶ ଅଂଶଗ୍ରହଣ କରି ୨ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅରୁଣ ମେମୋରିଆଲ ବକ୍ସିଂ କ୍ଲବ ପକ୍ଷରୁ ଗତ ୧୧ ଓ ୧୨ ତାରିଖରେ ଏହି ପ୍ରତିଯୋଗିତା ହୋଇଥିଲା। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଲିଙ୍ଗରାଜ ପଞ୍ଜାବର ଜଣେ ମୁଷ୍ଟି ଯୋଦ୍ଧାଙ୍କ ସହ ମୁକାବିଲା କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ଦିନେଶ ଆସାମର ଜଣେ ମୁଷ୍ଟିଯୋଦ୍ଧାଙ୍କ ସହ ମୁକାବିଲା କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଉଭୟଙ୍କୁ ବେଷ୍ଟ ବକ୍ସର ଅଫ ଦି ଇଭେଣ୍ଟ ଟ୍ରଫି ମିଳିଥିଲା ବୋଲି ବକ୍ସିଂ କ୍ଲବ ପ୍ରଶିକ୍ଷଣ ମୁଖ୍ୟ ଅରଜିତ ମହାପାତ୍ର କହିଛନ୍ତି।

### ମିନି ଟ୍ରକ୍ ଧକ୍କାରେ ଜଣେ ମୃତ

ଆସିକା,୧୯।୨(ଡି.ଏନ୍.ଏ.): ଆସିକା-ଭଞ୍ଜନଗର ମୁଖ୍ୟ ରାସ୍ତାର ସ୍ଥାନୀୟ ଥାନା ଅନ୍ତର୍ଗତ ଗୁଣ୍ଡପଡ଼ା ଛକଠାରେ ରବିବାର ଅପରାହ୍ନରେ ଏକ ମିନି ଟ୍ରକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ପାଇଲିପଡ଼ା ଗ୍ରାମର ଅରୁଣ ଗୌଡ଼(୩୪)। ଅରୁଣ ସାଇକେଲରେ ତାଙ୍କ ଶ୍ୱଶୁର ଘର ଗୁଣ୍ଡପଡ଼ାକୁ ଯାଉଥିବା ବେଳେ ଗୁଣ୍ଡପଡ଼ା ଛକରେ ଆସିକାରୁ ଭଞ୍ଜନଗର ଅଭିମୁଖେ ଯାଉଥିବା ଏକ ମିନି ଟ୍ରକ୍ ପଛରୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଆସିକା ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଅରୁଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ସହ ଦୁର୍ଘଟଣାଗ୍ରସ୍ତ ମିନି ଟ୍ରକ ଜବତ କରିଛି। ଏ ନେଇ ସ୍ଥାନୀୟ ଥାନାରେ ନଂ.୧୩୨/୨୩ରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଟ୍ରକ୍ ଚାଳକଙ୍କୁ ଅଟକ ରଖାଯାଇଛି।

### ଦୁର୍ଘଟଣାରେ ଜଣେ ମୃତ

ହିଞ୍ଜିଳିକାଟୁ, ୧୯।୨(ଡି.ଏନ୍.ଏ.): ଗଞ୍ଜାମ ଜିଲା ହିଞ୍ଜିଳି ଥାନା ତଥା ଆଡ଼ପଡ଼ା ଫାଣ୍ଡି ଅନ୍ତର୍ଗତ ଖଲିଙ୍ଗି ଈଶାନେଶ୍ୱର ମନ୍ଦିର ନିକଟରେ ଶନିବାର ଏକ ହାଇୱା ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖଲିଙ୍ଗି ଗ୍ରାମର ବାଇକ୍ ଚାଳକ ଯୋଗୀନ୍ଦ୍ର ଲେଙ୍କା(୫୬)। ଶନିବାର ଶିବରାତ୍ରି ଅବସରରେ ପୂର୍ବାହ୍ନରେ ଶିବଙ୍କ ଦର୍ଶନ ପାଇଁ ଖଲିଙ୍ଗିରୁ ବାହାରି ଯୋଗୀନ୍ଦ୍ର ବାଇକ୍‌ରେ ଈଶାନେଶ୍ୱର ମନ୍ଦିର ଯିବା ରାସ୍ତାରେ ଏକ ହାଇୱା ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା।

# ୨୧ରେ କାଗଜ କଳ ଅବସରପ୍ରାପ୍ତ ଶ୍ରମିକଙ୍କ ବିକ୍ଷୋଭ

ଜୟପୁର,୧୯।୨(ନି.ପ୍ର.):

କାଗଜ କଳ ଅବସରପ୍ରାପ୍ତ ଶ୍ରମିକମାନଙ୍କ ଏକ ବୈଠକ ରବିବାର ଶ୍ରମିକ କର୍ମଚାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଆସନ୍ତା ୨୧ରେ ବିଧାନସଭା ବଜେଟ ଅଧିବେଶନ ଆରମ୍ଭ ଦିନ ଜୟପୁର ମୁଖ୍ୟ ଟ୍ରାଫିକ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯିବାକୁ ନିଷ୍ପତ୍ତି ହୋଇଛି। ମଦର ଆର୍ଥ କମ୍ପାନୀ ୨୦୨୦ରୁ ଏହାର ପରିଚାଳନାରେ ଥିଲା। ତେବେ କମ୍ପାନୀ ଏପର୍ଯ୍ୟନ୍ତ ଇପିଏଫ୍ ଟଙ୍କା ଡିପୋଜିଟ୍ କରି ନ ଥିବାରୁ ଅବସରପ୍ରାପ୍ତ ଶ୍ରମିକମାନେ ସେମାନଙ୍କ ପେନସନ୍ ପାଇପାରୁ ନାହାନ୍ତି। ଅନ୍ୟ ବକେୟା ଗ୍ରାଚ୍ୟୁଇଟି , ବକେୟା ଦରମା କମ୍ପାନୀ ତା'ର ଉତ୍ପାଦନ ୫,୫୦୦ ଟନ୍ କଲେ ଦେବ ବୋଲି ଶ୍ରମିକ ଓ ଶ୍ରମ ବିଭାଗକୁ ଜଣାଇଛି। ଏହା କେବଳ ଆଶ୍ୱାସନା ବୋଲି ଶ୍ରମିକ-କର୍ମଚାରୀମାନେ ଅଭିଯୋଗ କରିଛନ୍ତି। କାରଖାନାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଇବା ପାଇଁ ଶ୍ରମିକ-କର୍ମଚାରୀମାନେ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଏନେଇ ସେମାନେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ। ବିଧାନସଭା ସମ୍ମୁଖରେ ଧାରଣା ଦେଇ ମନ୍ତ୍ରୀ ଓ ସଚିବଙ୍କୁ ସାକ୍ଷାତ କରି ପରିସ୍ଥିତି ସମ୍ପର୍କରେ ଅବଗତ କରାଇବାକୁ ନିଷ୍ପତ୍ତି ନେଇଥିବା ଏଆଇଟିୟୁସି ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ ମହାନ୍ତି କହିଛନ୍ତି।

# ରାଜପୁଟରେ ମେଗା ସ୍ୱାସ୍ଥ୍ୟସେବା ଶିବିର

ସେମିଳିଗୁଡା/ସୁନାବେଡା, ୧୯।୨ (ସ୍ୱ.ପ୍ର.)

ସେମିଳିଗୁଡା ବ୍ଲକ ଅଧୀନ ରାଜପୁଟ ପଞ୍ଚାୟତ କାର୍ଯ୍ୟାଳୟଠାରେ ସୁନାବେଡା ହାଲ ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜପୁଟ ସରପଞ୍ଚ ପୀତାମ୍ବର କିର୍ସାନି ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ହାଲ ମାନବ ସମ୍ବଳ ବିଭାଗ ମୁଖ୍ୟ ପରିଚାଳକ ଡି.ପି. ୱାକେଡକର, ହାଲ ସିଏସ୍ ଆର ବିଭାଗର ପରିଚାଳକା ସ୍ମିତା ମହାପାତ୍ର ଶିବିର ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଭାବେ ପରିଚାଳକ ସ୍ୱପ୍ନା ସୋଧକ ଯୋଗ ଦେଇଥିଲେ। ଡାକ୍ତର ଅମୀୟ ରଞ୍ଜନ ବେହେରା, ଡାକ୍ତର ପ୍ରଣୟ ପଲ, ଡାକ୍ତର ପାର୍ଥ ସାରଥୀ ସେଠୀ, ଡାକ୍ତର ରାଜକିଶୋର ନାୟକ, ଡାକ୍ତର ପ୍ରଶାନ୍ତ ବେହେରା, ଡାକ୍ତର ବିଳାସ ପ୍ରଧାନ, ଡାକ୍ତର ସନ୍ଦୀପ ମହାନ୍ତି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଥିଲେ। ଗମ୍ଭୀର ବେହେରା, ରଞ୍ଜନ ବୋଇତାଇ ସହଯୋଗ କରିଥିଲେ। ୧୬୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

# ରାସ୍ତା ନିର୍ମାଣ ନିମ୍ନମାନର, ଅଧାରୁ କାମ ବନ୍ଦ କଲେ ଗ୍ରାମବାସୀ

**ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା**

- କେବଳ ପିଚୁ ଢଳେଇ କରି କରାଯାଇଛି କାର୍ଯ୍ୟ
- ପ୍ରଶ୍ରୟ ଦେଉଛନ୍ତି କନିଷ୍ଠଯନ୍ତ୍ରୀ, ବିଭାଗୀୟ କର୍ତ୍ତୃପକ୍ଷ
- ଉଚ୍ଚସ୍ତରୀୟ ତଦନ୍ତ ଦାବିକଲେ ଗ୍ରାମବାସୀ

ମାଲକାନଗିରି,୧୯।୨(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ହେଉଥିବା ରାସ୍ତା ନିର୍ମାଣ ନିମ୍ନମାନର ବୋଲି ଅଭିଯୋଗ କରି ନିର୍ମାଣ କାର୍ଯ୍ୟକୁ ଅଧାରୁ ବନ୍ଦ କରିଛନ୍ତି ଗ୍ରାମବାସୀ। ଏହି ରାସ୍ତା ନିର୍ମାଣ ଗ୍ରାମ୍ୟ ଉନ୍ନୟନ ବିଭାଗ-୨ ପକ୍ଷରୁ କରାଯାଉଛି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା କାଲିମେଳା ବ୍ଲକରେ।

ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମ୍‌ପିଭି-୭୪ଠାରୁ ଏମ୍‌ପିଭି-୭୮ ପର୍ଯ୍ୟନ୍ତ ୬.୮୦୦ କି.ମି. ରାସ୍ତାର ୬.୪୭୫ କି.ମି. ପିଚୁ ଓ ୩.୨୫ କି.ମି. କଙ୍କ୍ରିଟ ରାସ୍ତା ନିର୍ମାଣ ହେଉଛି। ନିର୍ମାଣ ସମୟରେ ରାସ୍ତାରେ କମ୍ ପରିମାଣ ପିଚୁ ଢଳେଇ କରି ନିମ୍ନମାନର କାର୍ଯ୍ୟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନିମ୍ନମାନର କାର୍ଯ୍ୟ ହେତୁ ପିଚୁ ବ୍ଲିଡିଂ ହେଉନାହିଁ। ରୋଲିଂ ବେଳେ ଆବଡାଖାବଡା ରହିଥିବାରୁ ରାସ୍ତାରୁ ଚିପ୍‌ସ ଖସିପଡୁଛି। ଏହା ଦୀର୍ଘସ୍ଥାୟୀ ନ ହୋଇ ବର୍ଷାଦିନେ ନଷ୍ଟ ହୋଇଯିବ ବୋଲି ଏମ୍‌ପିଭି-୧୨୯ ଓ ଏମ୍‌ଭି-୭୮ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଠିକାଦାରଙ୍କ ମନମୁଖି କାର୍ଯ୍ୟକୁ କନିଷ୍ଠଯନ୍ତ୍ରୀ ଓ ବିଭାଗୀୟ କର୍ତ୍ତୃପକ୍ଷ ପ୍ରଶ୍ରୟ ଦେଉଥିବାରୁ ଏପରି କାର୍ଯ୍ୟ ହେଉଥିବା ଜନସାଧାରଣ ପ୍ରକାଶ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପଚାରିବା ଲାଗି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା।



ନିମ୍ନମାନର ରାସ୍ତାକାମକୁ ଦେଖାଉଛନ୍ତି ଗ୍ରାମବାସୀ।

# ସୁନା ଦୋକାନରୁ ୩୦ ଲକ୍ଷର ଗହଣା ଚୋରି

ବ୍ରହ୍ମପୁର ଅଫିସ,୧୯।୨

ବ୍ରହ୍ମପୁର ସାନବଜାର ଛକ ସାନ୍ତାରାଣୀ ଇଷ୍ଟେଟ୍‌ରେ ଥିବା ଏକ ସୁନା ଦୋକାନରୁ ୩୦ ଲକ୍ଷ ଟଙ୍କାର ସୁନା ଗହଣା ଓ ରୁପା ସାମଗ୍ରୀ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ପରେ ବଡ଼ବଜାର ଥାନା ପୋଲିସ ନଂ.୪୭/୨୩ରେ ଏକ ମାମଲା ରୁଜୁ କରିଥିଲା। ତଦନ୍ତ ବେଳେ ଉକ୍ତ ଦୋକାନ ମ୍ୟାନେଜର ସୁନା ଗହଣା ଚୋରି କରିଥିବା ପୋଲିସ ସନ୍ଦେହ କରୁଛି। ଘଟଣା ପରଠାରୁ ସମ୍ପୃକ୍ତ ମ୍ୟାନେଜର କାମକୁ ଆସୁ ନ ଥିବା ବେଳେ ତାଙ୍କ ମୋବାଇଲ ଫୋନ ବନ୍ଦ ଥିବା ପୋଲିସ କହିଛି। ଉକ୍ତ ଦୋକାନ ମାଲିକ ଓ ମ୍ୟାନେଜର ଉଭୟଙ୍କ ଘର କଲିକତା। ପୋଲିସ ମ୍ୟାନେଜରଙ୍କ ଗତିବିଧି ଉପରେ ନଜର ରଖିଥିବା କହିଛି। ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ମଧ କହିଛି। ପ୍ରକାଶ ଯେ, କଲିକତାର ନୂର ଆଲମ୍ ମଲ୍ଲିକ ବ୍ରହ୍ମପୁର ସାନବଜାର ଛକରେ ଏକ ସୁନା ଦୋକାନ କରି ବ୍ୟବସାୟ କରୁଛନ୍ତି। ଗତ ୧୪ ତାରିଖ ସକାଳେ ସେ ଦୋକାନ ଖୋଲିବା ପାଇଁ ଯାଇଥିଲେ। ହେଲେ ଗ୍ରୀଲ ତାଲା ଭଙ୍ଗା ଯାଇଥିବା ସେ ଦେଖିବାକୁ ପାଇଥିଲେ। ଦୋକାନ ଭିତରକୁ ଯାଇ ଦେଖିବାବେଳକୁ ସେଠାରେ ଥିବା ପୁରୁଣା ସୁନା ୨୮୫ ଗ୍ରାମ, ଚେକି ସୁନା ୩୮୦ ଗ୍ରାମ, ରୁପା ୨ କେଜି ଚୋରି ହୋଇଯାଇଥିଲା। ସେହିପରି ଦୋକାନ ଭିତରେ ଲାଗିଥିବା ସିସି ଟିଭି କ୍ୟାମେରା ଓ ଡିଭିଡି ମେଶିନ ମଧ୍ୟ ଚୋରି କରି ନେଇଯାଇଥିବା ଜଣାପଡିଥିଲା।

# ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ପୁନର୍ଗଠିତ


ପୁନର୍ଗଠିତ ହୋଇଥିବା ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ।

ନନ୍ଦପୁର,୧୯।୨:

ଆସନ୍ତା ଏପ୍ରିଲ ୧୪ ମହାବିଷୁବ ପଣାସଂକ୍ରାନ୍ତିରେ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ପକ୍ଷରୁ 'ବୈଶାଖୀ' ପୁସ୍ତକ ଉନ୍ମୋଚନ ହେବ। ଏହା ପୂର୍ବରୁ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦର ପୁନର୍ଗଠନ କରାଯାଇଛି। ଆଦିବାସୀ ଗବେଷଣା ମଞ୍ଚ (କୋଟସ୍)ର ପ୍ରଫେସର ଡା. ରାଜେନ୍ଦ୍ର ପାଢ଼ୀ ନୂତନ ସଭାପତି ଭାବେ ମନୋନୀତ ହୋଇଛନ୍ତି। ପୂର୍ବତନ ସଭାପତି ଅଧାପକ ତଥା ସାହିତ୍ୟିକ ରବି ଶତପଥୀ ନିଜ କାର୍ଯ୍ୟବ୍ୟସ୍ତତା ଯୋଗୁ ସଭାପତି ପଦ ତ୍ୟାଗ କରିଛନ୍ତି। ଉପସଭାପତି ଭାବେ ପଣ୍ଡିତ ନାରାୟଣ ଶତପଥୀ ଓ ଶତ୍ରୁଘ୍ନ ହିକାବାଡ଼ି, କାର୍ଯ୍ୟକାରୀ ସଭାପତି ରୂପେ ଟୁନେସ ପାତ୍ର, ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା, ସହ ସଂପାଦିକା ଲକ୍ଷ୍ମୀପ୍ରିୟା ପଣ୍ଡା, ଯୁଗ୍ମ ସମ୍ପାଦକ ତୁଷାରକାନ୍ତ ମହାନ୍ତି, ସାଙ୍ଗଠନିକ ସମ୍ପାଦକ ତ୍ରିନାଥ ଖରା, କୋଷାଧକ୍ଷ ରୂପେ ମାଧବ ହନ୍ତାଳ ମନୋନୀତ ହୋଇଛନ୍ତି। ଏଥିସହ ୨୧ ଜଣିଆ କାର୍ଯ୍ୟକାରୀ କମିଟି ଗଠିତ ହୋଇଥିବା ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା କହିଛନ୍ତି। ସଂସଦ ପକ୍ଷରୁ ନିଶାମୁକ୍ତ ତିନିଗ୍ରାମ ଡାବାସପୁଟ, ମାଳି ଭିମଡଲ ଓ ବନମାଳୀପୁଟରେ ନିଶା କାରବାର ରୋକିବାକୁ ଗ୍ରାମବାସୀଙ୍କୁ ନେଇ ଶାଖା ସଂଯୋଜକ ଚୟନ ହୋଇଛନ୍ତି। ସଂସଦର ମୁଖ୍ୟ ସଂଯୋଜକ ଭାବେ ଯୋଗଗୁରୁ ଗୋପାଳ ମହାନ୍ତି ରହିଛନ୍ତି।

# ନିଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର,୧୯।୨ (ନି.ପ୍ର.)

ଜଙ୍ଗଲରେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ସୂଚନା ପାଇ ଜୟପୁର ଅବକାରୀ ବିଭାଗ କର୍ମଚାରୀ ନିଳାଗୁଡା ଜଙ୍ଗଲରେ ରବିବାର ଚଢ଼ାଉ କରିଥିଲେ। ତେବେ ଏନେଇ ପୂର୍ବ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ। କର୍ମଚାରୀ ମାନେ ମଦ ଭାଟି ଭାଙ୍ଗିବା ସହ ୯୦୦ ଲିଟର ପୋଚ ଓ ୯୦ ଲିଟର ଦେଶୀ ମଦ ନଷ୍ଟ କରି ଫେରିଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି।

# କୋରାପୁଟରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ଉତ୍ସବ

କୋରାପୁଟ, ୧୯।୨(ସ୍ୱ.ପ୍ର.)

କୋରାପୁଟରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୫ ତମ ଜନ୍ମ ମହୋତ୍ସବ ତଥା ୧୫ତମ ଜିଲାସ୍ତରୀୟ ବାର୍ଷିକ ସତସଂଘ ଉତ୍ସବ ରବିବାର ସ୍ଥାନୀୟ ମାଳିସାହିସ୍ଥିତ ସତସଂଘ ବିହାରଠାରେ ପାଳିତ ହୋଇଯାଇଛି । ପ୍ରତ୍ୟୁଷରୁ ଉଷା କିର୍ତ୍ତନ, ସମବେତ ପ୍ରାତଃ ବିନତି ପ୍ରାର୍ଥନା ପରେ ସକାଳ ୯ଟାରେ ଏକ ଶୋଭାଯାତ୍ରାରେ ଶତାଧିକ ଅନୁକୂଳଭକ୍ତ ଠାକୁରଙ୍କ ବିଗ୍ରହ ଧରି ନଗର ପରିକ୍ରମା କରିଥିଲେ। ସଙ୍କୀର୍ତ୍ତନ କରି ସତସଂଘ କେନ୍ଦ୍ରରେ ପହଞ୍ଚିବା ପରେ ସେଠାରେ ଏକ ସତସଂଘ ଓ ସଦାଲୋଚନା କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ମୁଖ୍ୟବକ୍ତା ଭାବେ କୁମୁଦ ଚନ୍ଦ୍ର ପ୍ରଧାନ ଯୋଗଦେଇ ଶ୍ରଦ୍ଧାଳୁମାନଙ୍କୁ ବ୍ୟକ୍ତି ଜୀବନଠାରୁ ରାଷ୍ଟ୍ରୀୟ ଜୀବନ ପର୍ଯ୍ୟନ୍ତ ଶୃଙ୍ଖଳିତ ଜୀବନଚର୍ଯ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ସତସଂଘ ବିହାର ଉତ୍ସବ କମିଟି ସଭାପତି ଜଗନ୍ନାଥ ଖଟୁଆ ଅଧ୍ୟକ୍ଷତା କରିଥିଲେ। ସେ ଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀକୁ ସଦବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ କୋରାପୁଟ ସମେତ ସୁନାବେଡା, ଜୟପୁର, ଦାମନଯୋଡି, କୋଲାବନଗର, କାକିରିଗୁମ୍ମା, ସୁନାବେଡା ଏନଏଡି ସେମିଳିଗୁଡା ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ସମବେତ ପ୍ରାର୍ଥନା, ସତ୍ୟାନୁସରଣ ପାଠ, ସଙ୍ଗୀତାଞ୍ଜଳି, ସଦାଲୋଚନାରେ ସାମିଲ ହୋଇଥିଲେ । ପରେ ଏକ ମାତୃ ସମ୍ମିଳନୀ ହୋଇଥିଲା। ଏଥିରେ ସହପ୍ରିତିରିତକ ମହେଶ୍ୱର ଦାସ, ଅଜୟ ଭଦ୍ର,ପୀତବାସ ପଣ୍ଡା, ସୁଦର୍ଶନ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।


ଶ୍ରଦ୍ଧାଳୁମାନେ ନଗର ପରିକ୍ରମା କରୁଛନ୍ତି।

# ପୂଜାର୍ଚ୍ଚନା ପରେ ପାଲିଙ୍କିରେ ମାଲକାନଗିରି ଆସିବେ ଠାକୁର

ମାଲକାନଗିରି, ୧୯।୨(ଡି.ଏନ.ଏ.)

ମାଲକାନଗିରି ଜିଲାର ରୀତିନୀତି ଓ ପରମ୍ପରାର ପର୍ବ ବଡଯାତ୍ରା ପାଇଁ ଏବେ ମଲକାନଗିରି ଓ ଆନ୍ଧ୍ର ପ୍ରଦେଶ ଚଳଚଞ୍ଚଳ ହୋଇଉଠିଛି। ପ୍ରତି ଦୁଇ ବର୍ଷରେ ଥରେ ହେଉଥିବା ଏହି ଯାତ୍ରା ଚଳିତ ବର୍ଷ ୭ ତାରିଖରୁ ଆରମ୍ଭ ହେବ। ଏନେଇ ରୀତିନୀତି ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଭୁ କାନମରାଜୁ, ବାଲରାଜୁ, ପୋତରାଜୁ ଓ ମା' ମୁତ୍ୟାଲାମାଙ୍କ ପ୍ରସିଦ୍ଧ ଏହି ବଡଯାତ୍ରା ଲାଗି ଆନ୍ଧ୍ର ପ୍ରଦେଶରୁ ଠାକୁରଙ୍କୁ ଆଣିବା ନିମନ୍ତେ ପୂଜକ ଦଳ ଗତ ୭ ତାରିଖରୁ ଚାଲି ଚାଲି ମାଲକାନଗିରିରୁ ଗସ୍ତ କରିଛନ୍ତି। ଏହି ଯାତ୍ରା ଆନ୍ଧ୍ର ପ୍ରଦେଶରୁ ଆରମ୍ଭ ହେଉଥିବାରୁ ଯାତ୍ରାର ସୁପରିଚାଳନା ପାଇଁ ଆନ୍ଧ୍ରର ପ୍ରଶାସନିକ ଅଧିକାରୀ ଓ ମାଲକାନଗିରିର ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ନିକଟରେ ଅନୁଷ୍ଠିତ ହୋଇଛି। ବିଗତ ବର୍ଷଗୁଡିକରେ ଏହି ଯାତ୍ରା ବେଳେ ଠାକୁରଙ୍କୁ ଆନ୍ଧ୍ରର ପୋଲୁରଠାରୁ ମାଲକାନଗିରି ଅଭିମୁଖେ ଆଣିବା ପାଇଁ ନଦୀପାର କରି ନୌକାର ସହାୟତା ନିଆଯାଉଥିଲା। ହଜାର ହଜାର ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇ ନଦୀପାର ହୋଇ ଯାଉଥିଲେ। ଚଳିତ ବର୍ଷ ଏହା ବୋଟ୍ ଯାତ୍ରା ପରିବର୍ତ୍ତେ ଅସ୍ଥାୟୀ ପୋଲ କରାଯିବାକୁ ଯୋଜନା ରହିଛି। ଯାତ୍ରା ପାଇଁ ଅନେକ ନୀତିନିୟମ ପାଳିତ ହେଉଥିବା ଦେଖିବାକୁ ମିଳୁଛି। ଚଳିତ ମାସ ୭ରୁ ପୂଜକ ଦଳ ଠାକୁରଙ୍କୁ ଆଣିବା ପାଇଁ ବାହାରିବା ପରେ ନୀତିକାନ୍ତି ଆରମ୍ଭ ହୋଇଛି। ବିଶେଷ କରି ୧୩ ତାରିଖରୁ ମାନ୍ୟମକୋଣ୍ଡାରେ ବାଲସା ଛପର, ୧୪ରେ ତେଲ ପେଡା, ୧୫ରେ ସାତୱାନପାଲି ଗ୍ରାମରେ ବାଉଁଶ ମରା, ୧୬ରେ ପୋଲୁର ଗ୍ରାମରେ ଡଙ୍ଗା ମରା, ୧୭ରୁ ପ୍ରତିମା ନିର୍ମାଣ ଭଳି କାର୍ଯ୍ୟକ୍ରମ ରହିଛି। ସେହିପରି ମାଲକାନଗିରି ଜିଲାର ବିଭିନ୍ନ ଗ୍ରାମରେ ଠାକୁରଙ୍କୁ ପୂଜା କରି ପାଲିଙ୍କିରେ ମାଲକାନଗିରି ସଦର ଅଭିମୁଖେ ଅଣାଯିବ। ଆସନ୍ତା ମାସ ୪ରେ ପାଲିଙ୍କି ମାଲକାନଗିରିରେ ପହଞ୍ଚିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ପୂଜାର୍ଚ୍ଚନା କରି ୮ ତାରିଖରେ ଠାକୁରଙ୍କୁ ବିଦାୟ ଦେବାର କାର୍ଯ୍ୟକ୍ରମ ରହିଛି। ଆନ୍ଧ୍ର-ଓଡ଼ିଶା ଦୁଇ ରାଜ୍ୟର ଭାଇଚାରାର ପ୍ରତୀକ ରୂପେ ପରିଚିତ ଏହି ଯାତ୍ରା ଆନ୍ଧ୍ର ପ୍ରଦେଶରୁ ଆରମ୍ଭ ହୋଇ ମାଲକାନଗିରି ସଦରରେ ଶେଷ ହୋଇଥାଏ।


ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରୁଛନ୍ତି ।

